# ଅଗ୍ନିପଥ ଯୋଜନାରେ ସେନାବାହିନୀର ନିଯୁକ୍ତି ରାଲି ।

ଅନୁଗୋଳ,ତା.୧୧.୦୭:- ସେନାବାହିନୀ ନିଯୁକ୍ତି ରାଲି ଅନୁଗୋଳ ଜିଲ୍ଲା ସମେତ ବରଗଡ, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲା ପାଇଁ ସେପ୍ଟେମ୍ବର ୯ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଏୟାରଷ୍ଟ୍ରିପ୍ ଠାରେ ଅନୁଷ୍ଠିତ ହେବ । ରାଲିର ମାନଦଣ୍ଡ ସ୍ୱରୁପ ଶିକ୍ଷାଗତ ଯୋଗ୍ୟତା ଓ କୋଭିଡ ନିୟମାବଳୀ ବାଧ୍ୟତାମୂଳକ ଅଟେ ଯାହାକି ୱେବସାଇଟ୍ ବିଜ୍ଞପ୍ତି www.joinindianarmy.nic.in ପ୍ରକାଶିତ ହୋଇଅଛି । ଏଥିପାଇଁ ଅନଲାଇନ୍‌ରେ ପଞ୍ଜିକରଣ ଜୁଲାଇ ୫ ତାରିଖରୁ ଆରମ୍ଭ ହୋଇଯାଇଛି ଏହା ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଖୋଲାରହିବ । ପ୍ରାର୍ଥୀମାନଂକୁ ଜଣାଇଦିଆଯାଉଅଛି କି ରାଲିର ୧୫ ଦିନ ପୂର୍ବରୁ ଆଡମିଟ୍ କାର୍ଡ ରେଜିଷ୍ଟ୍ରଡ ଇ-ମେଲରେ ପଠାଇ ଦିଆଯିବ ବୋଲି ସମ୍ବଲପୁର ସ୍ଥିତ ସେନାବାହିନୀ ନିଯୁକ୍ତି ଅଧିକାରୀଂକ ପକ୍ଷରୁ ସୂଚନା ଦିଆଯାଇଛି ।